# ଓଏସ୍ଓୟୁ ପକ୍ଷରୁ ନୂତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ସୋନପୁର,୨୦।୮(ନି.ପ୍ର.)

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଶିକ୍ଷାକେନ୍ଦ୍ର ସୋନପୁର କଲେଜ ପକ୍ଷରୁ ୨୦୧୭-୧୮ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ସଭାଗୃହରେ ଅନୁଷ୍ଠିତ ସଭାରେ କଲେଜର ନୂତନ ଅଧ୍ୟକ୍ଷ ଡ. କେଦାର ନାଥ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଗତ ଶିକ୍ଷାବର୍ଷରେ ଛାତ୍ରୀଛାତ୍ରମାନେ ଭଲ ରେଜଲ୍ଟ କରିଥିବାରୁ ଚଳିତବର୍ଷ ମଧ୍ୟ ପୂର୍ବ ସଫଳତା ଦୋହରାଇବାକୁ ଡ. ମିଶ୍ର ପରାମର୍ଶ ଦେଇଥିଲେ । ଉଚ୍ଚ ଶିକ୍ଷା ବିଭାଗର ଡିଏଲସି ଡ. ପ୍ରଫୁଲ୍ଲ କୁମାର ରଥ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଅତି କମ୍ ଖର୍ଚ୍ଚରେ ପିଲାମାନଙ୍କୁ ଏଠାରେ ପାଠ ପଢିବାକୁ ସୁଯୋଗ ମିଳୁଥିବା କହିଥିଲେ । ନାମଲେଖା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ଥିବାରୁ ସମସ୍ତେ ଏହାର ଲାଭ ଉଠାଇବା ଓ ଏ ବାବଦରେ ବ୍ୟାପକ ସଚେତନତା ପାଇଁ ଡିଏଲସି ଡ. ରଥ ଗୁରୁତ୍ୱାରୋପ କରିଥିଲେ । ସାଧନ କର୍ମୀ ଭାବେ ମଡେଲ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ଅମୀୟ କୁମାର ରଥ ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସଓୟୁ)ର ସଂଯୋଜକ ତଥା ରାଜନୀତି ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ସତ୍ୟନାରାୟଣ ରଥ ମଞ୍ଚାସୀନ ଥିଲେ । କାଉନସେଲର ତଥା ଅଧ୍ୟାପକ ଦୀନବନ୍ଧୁ ମେହେର, ଆଶିଷ ଅଗ୍ରୱାଲା, ସୌରଭ କୁମାର ଖମାରୀ, ସନ୍ତୋଷ କୁମାର ମହାପାତ୍ର ଉପସ୍ଥିତ ଥିଲେ । ଦେବେନ୍ଦ୍ର ଦଣ୍ଡସେନା ଓ ଦିଲୀପ ଦେହୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।